# NATIONAL NEWS BULLETIN (ODIA)

## 23 November - 2025

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ବିକଶିତ ବିଶ୍ୱ ଗଠନ ପାଇଁ ଜି-୨୦ ଶିଖର ସମ୍ମିଳନୀରେ ୬ଟି ପ୍ରସ୍ତାବ ଉପସ୍ଥାପନ କଲେ ପ୍ରଧାନମନ୍ତ୍ରୀ ।

- ମାନବତାର ସାମୁହିକ ଜ୍ଞାନକୁ ଉପଯୋଗ କରିବା ନିମନ୍ତେ ବିଶ୍ୱ ପାରମ୍ପରିକ ଜ୍ଞାନଭଣ୍ଡାର ସ୍ଥାପନ ଉପରେ ଗୁରୁତ୍ୱ ପ୍ରଦାନ ।

- ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣ ଶୃଙ୍ଖଳ ସୁରକ୍ଷିତ ରଖିବା ନେଇ ଭାରତର ପ୍ରସ୍ତାବ ।

- ପରବର୍ତ୍ତୀ ପୀଢ଼ି ଜିଏସ୍‌ଟି ସଂସ୍କାର ପୋଷାକ ଏବଂ ଜୋତା କ୍ଷେତ୍ରରେ କ୍ରେତା ଓ ବିକ୍ରେତାଙ୍କୁ ଲାଭାନ୍ୱିତ କରିଥିବା ସୂଚନା ।

- ଜି-୨୦ ଶିଖର ସମ୍ମିଳନୀର ପ୍ରଥମ ଦିନରେ ବିଶ୍ୱର ପ୍ରମୁଖ ନେତାଙ୍କ ସହ ସାକ୍ଷାତ୍ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ମୋଦୀ ।

ଏବଂ

- ଗୁଆହାଟୀଠାରେ ଚାଲିଥିବା ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଆଜି ଭାରତ ବିପକ୍ଷରେ ପ୍ରଥମ ଇନିଂସ୍ ଜାରି ରଖିବ ଦକ୍ଷିଣ ଆଫ୍ରିକା ।

# ପିଏମ୍-ଜି୨୦ ଓପ୍ନିଂ ଡେ

ଦକ୍ଷିଣଆଫ୍ରିକାର ଜୋହାନ୍ସବର୍ଗରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଜି-୨୦ ଶିଖର ସମ୍ମିଳନୀର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ବିକାଶ ନିମନ୍ତେ ୬ଟି ନୂଆ ପ୍ରସ୍ତାବ ଦେଇଛନ୍ତି । ଏହିସବୁ ପ୍ରସ୍ତାବଗୁଡ଼ିକ ମଧ୍ୟରେ ବିଶ୍ୱ ପାରମ୍ପରିକ ଜ୍ଞାନଭଣ୍ଡାର ସ୍ଥାପନା, ଆଫ୍ରିକୀୟ ଦକ୍ଷତାମୂଳକ କାର୍ଯ୍ୟକ୍ରମ, ବିଶ୍ୱ ସ୍ୱାସ୍ଥ୍ୟସେବା, ନିଶାଦ୍ରବ୍ୟ-ଆତଙ୍କବାଦର ମୁକାବିଲା, ମୁକ୍ତ ଉପଗ୍ରହ ତଥ୍ୟ ଆଦାନପ୍ରଦାନ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଆଦି ରହିଛି ।

ଜି-୨୦ ଶିଖର ସମ୍ମିଳନୀର ପ୍ରଥମ ଦିନ ୨ଟି ଅଧିବେଶନକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏହିସବୁ ପଦକ୍ଷେପଗୁଡ଼ିକ ସମସ୍ତଙ୍କ ବିକାଶ, ଅଭିବୃଦ୍ଧି ଏବଂ ଉପକାର ପାଇଁ ଉଦ୍ଦିଷ୍ଟ । ବହୁମୁଖୀ ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଏଗୁଡ଼ିକ ଅତ୍ୟନ୍ତ ଆବଶ୍ୟକ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସମ୍ମିଳନୀର ପ୍ରଥମ ଅଧିବେଶନସକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମାନବତାର ସାମୁହିକ ଜ୍ଞାନକୁ ଉପଯୋଗ କରିବା ନିମନ୍ତେ ଜି-୨୦ ବିଶ୍ୱ ପାରମ୍ପରିକ ଜ୍ଞାନ ଭଣ୍ଡାର ସ୍ଥାପନ ଉପରେ ଗୁରୁତ୍ୱପ୍ରଦାନ କରିଛନ୍ତି ।

ସେ କହିଛନ୍ତି ଆଫ୍ରିକା ସ୍କିଲ୍ସ ମଲ୍ଟିପ୍ଲାୟର କାର୍ଯ୍ୟକ୍ରମ ଆଫ୍ରିକାର ଯୁବପିଢ଼ୀଙ୍କୁ ଦକ୍ଷ କରିବା ଲାଗି ୧୦ଲକ୍ଷ ପ୍ରଶିକ୍ଷିତ ପ୍ରମାଣିକୃତ ପ୍ରଶିକ୍ଷକଙ୍କ ଏକ ପୁଲ୍ ପ୍ରତିଷ୍ଠା କରିବ । ଏହା ଯୁବପୀଢ଼ିଙ୍କ କ୍ଷମତା ଓ ଦକ୍ଷତା ବୃଦ୍ଧି ସହ ଆଫ୍ରିକୀୟ ମହାଦେଶରେ ଦୀର୍ଘକାଳୀନ ବିକାଶକୁ ପ୍ରୋତ୍ସାହନ ଯୋଗାଇଦେବ । ଶ୍ରୀ ମୋଦୀ ଏକ ସ୍ୱାସ୍ଥ୍ୟସେବା ରେସପନ୍ସ ଟିମ୍ ଗଠନ

କରିବା ଉପରେ ଜୋର୍ ଦେଇଛନ୍ତି । ଏଥିରେ ପ୍ରତ୍ୟେକ ଜି-୨୦ ସଦସ୍ୟ ଦେଶର ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ରହିବେ ଏବଂ ବିଶ୍ୱର ଯେ କୌଣସି ଅଂଶରେ ସ୍ୱାସ୍ଥ୍ୟଗତ ଆହ୍ୱାନର ମୁକାବିଲା କରିବା ଲାଗି ନିୟୋଜିତ ହୋଇପାରିବେ । ଅନ୍ୟପକ୍ଷରେ ନିଶାଦ୍ରବ୍ୟ ଚୋରାଚାଲାଣ ଦୂରକରିବା ଏବଂ ଏଥିସହିତ ଆତଙ୍କବାଦୀଙ୍କ ଅର୍ଥ କାରବାରର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ଶ୍ରୀ ମୋଦୀ ସଦସ୍ୟ ଦେଶମାନଙ୍କୁ ପରାମର୍ଶ ଦେଇଛନ୍ତି ।

ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଶ୍ରୀ ମୋଦୀ ଏକ ସ୍ଥିର ବିଶ୍ୱ ଶୀର୍ଷକରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ସହଜ ଉପଲବ୍ଧତା ଓ ବ୍ୟବହାର ନେଇ ପ୍ରସ୍ତାବ ଦେଇଛନ୍ତି । ସେ କହିଛନ୍ତି ଏଭଳି ପଦକ୍ଷେପ ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ କରିବା ସହ ବିକାଶ ଲାଗି ପଥ ଉନ୍ମୁକ୍ତ କରିପାରିବ । ସେହିପରି ମୁକ୍ତ ଉପଗ୍ରହ ତଥ୍ୟ ସହଭାଗିତା ବିଷୟରେ ଶ୍ରୀ ମୋଦୀ କହିଛନ୍ତି ଜି-୨୦ ମହାକାଶ ସଂସ୍ଥାଗୁଡ଼ିକ ଉପଗ୍ରହଭିତ୍ତିକ ତଥ୍ୟ ବ୍ୟବହାର କରି କୃଷି, ମତ୍ସ୍ୟପାଳନ, ବିପର୍ଯ୍ୟୟ ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯାଇପାରିବ ।

ଦ୍ୱିତୀୟ ଅଧିବେଶନରେ ଶ୍ରୀ ମୋଦୀ ବିଶ୍ୱ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବା ପାଇଁ ଜଳବାୟୁ ଲକ୍ଷ୍ୟ ପୂରଣ କରିବା ଦିଗରେ ସାମୁହିକ ଉଦ୍ୟମ ଉପରେ  ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଜି-୨୦ ଅଧ୍ୟକ୍ଷତା ସମୟରେ ଭାରତ ଖାଦ୍ୟ ସୁରକ୍ଷା ଉପରେ ଅନେକଗୁଡ଼ିଏ ପଦକ୍ଷେପ ସମ୍ପର୍କରେ ଆଲୋଚନା-ପର୍ଯ୍ୟାଲୋଚନା ହୋଇଥିଲା । ଏଥିରେ ଏକ ସ୍ଥିର ବିଶ୍ୱଗଠନ ଏବଂ ଦୃଢ଼ ଖାଦ୍ୟ ବ୍ୟବସ୍ଥା ନିମନ୍ତେ ଶକ୍ତି ପରିବର୍ତ୍ତନ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା । ଶ୍ରୀ ମୋଦୀ କହିଛନ୍ତି ଭାରତ ସେହିସବୁ କ୍ଷେତ୍ରଗୁଡ଼ିକରେ ସକ୍ରିୟ ଭାବେ କାର୍ଯ୍ୟକରୁଛି । ଅନ୍ୟପକ୍ଷରେ ଭାରତର ଅଧ୍ୟକ୍ଷତାରେ

ହୋଇଥିବା ଜି-୨୦ ସମ୍ମିଳନୀ ଗୁଡ଼ିକରେ ବିପର୍ଯ୍ୟୟଜନିତ ବିପଦ ହ୍ରାସ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜଳବାୟୁ ପରିବର୍ତ୍ତନକୁ କୃଷି ଏବଂ ବିଶ୍ୱ ଖାଦ୍ୟ ସୁରକ୍ଷା ପାଇଁ ଏକ ପ୍ରମୁଖ ବିପଦ ବୋଲି ବର୍ଣ୍ଣନା କରିବା ସହ ଶ୍ରୀ ମୋଦୀ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା ଯୋଜନା ଏବଂ ଫସଲ ବୀମା ଯୋଜନା ମାଧ୍ୟମରେ ଭାରତ ଆହ୍ୱାନ ଗୁଡ଼ିକର ମୁକାବିଲା କରୁଛି ବୋଲି କହିଛନ୍ତି ।

ଅଧିବେଶନ କାଳରେ ଶ୍ରୀ ମୋଦୀ ଦକ୍ଷିଣ ଆଫ୍ରିକାର ଅଧ୍ୟକ୍ଷତାରେ ଜି-୨୦ ଗୋଷ୍ଠୀ ଦ୍ୱାରା ଦକ୍ଷ ପ୍ରବାସନ, ଖାଦ୍ୟସୁରକ୍ଷା, କୃତ୍ରିମ ବୁଦ୍ଧିମତା, ଡିଜିଟାଲ ଅର୍ଥନୀତି, ନବସୃଜନ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ କରାଯାଇଥିବା କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ନୂଆଦିଲ୍ଲୀ ଜି-୨୦ ଶିଖର ସମ୍ମିଳନୀରେ ଗ୍ରହଣ କରାଯାଇଥିବା କେତେକ ନିଷ୍ପତ୍ତିକୁ କାର୍ଯ୍ୟରେ ରୂପାନ୍ତର କରାଯାଇଛି ।

## ଜିଏସ୍‌ଟି-ଆପାରଲ ଆଣ୍ଡ ଫୁଟ୍‌ୱେୟାର

ଚଳିତବବର୍ଷ ସେପ୍ଟେମ୍ବର ମାସ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଘୋଷଣା କରିବା ପରେ ଅନେକ ଗୁଡ଼ିଏ କ୍ଷେତ୍ରରେ ସାମଗ୍ରୀ ଓ ସେବାକର ହ୍ରାସ ପାଇବା ସହ ଦେଶର ନାଗରିକମାନେ ଲାଭାନ୍ୱିତ ହୋଇଛନ୍ତି । ପୋଷାକ ଏବଂ ଜୋତା କ୍ଷେତ୍ରରେ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶର ନାଗରିକ ଓ ଅନ୍ୟମାନଙ୍କୁ ଲାଭ ପ୍ରଦାନ କରୁଛି ।

ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ଲାଗୁ ହେବା ଫଳରେ ଦେଶରେ ପୋଷାକ ଏବଂ ଜୋତାର କେବଳ କ୍ରୟ ବୃଦ୍ଧି ଘଟିନାହିଁ ବରଂ ଏହା ଉତ୍ପାଦନ କରୁଥିବା ବ୍ୟବସାୟୀ ଓ ଶିଳ୍ପଗୁଡ଼ିକ ଲାଭାନ୍ୱିତ ହୋଇଛନ୍ତି । ଏହି କ୍ଷେତ୍ର ଗୁଡ଼ିକରେ ଦେଖାଦେଇଥିବା ସଂସ୍କାର ଯୋଗୁଁ ଉଭୟ କ୍ରେତା ଏବଂ ବିକ୍ରେତାଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ ପାଇଛି । ଜିଏସ୍‌ଟି ପରିଷଦର ନିଷ୍ପତ୍ତି ପରେ ୨ହଜାର ୫୦୦ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଜୋତା ଉପରେ କେବଳ ୫ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇଥିବାରୁ ଏହା ନିମ୍ନ ଏବଂ ମଧ୍ୟମ ଆୟକାରୀ ଗ୍ରାହକଙ୍କ ପାଇଁ ସୁଲଭ ସାବ୍ୟସ୍ତ ହୋଇଛି ।

ସେହିପରି ଅଢ଼େଇ ହଜାର ଟଙ୍କା ପର୍ଯ୍ୟନ୍ତ ପୋଷାକ ଉପରେ ୫ ପ୍ରତିଶତ ଜିଏସ୍‌ଟି ହ୍ରାସ କରାଯିବା ପରେ ସାଧାରଣ ବର୍ଗର ଉପଭୋକ୍ତା ଅଧିକ ମୂଲ୍ୟର ପୋଷାକ କ୍ରୟ କରିବା ପାଇଁ ସକ୍ଷମ ହୋଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଭାରତରେ ବହୁସଂଖ୍ୟକ ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକ ଜୋତା ଏବଂ ପୋଷାକ ଉତ୍ପାଦନ କରୁଥିବାରୁ, ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ଉପଯୋଗୀ ସାବ୍ୟସ୍ତ ହୋଇଛି ।

# ପିଏମ୍-ୱାର୍ଲ୍ଡ ଲିଡର୍ସ ମିଟିଂ

ଜୋହାନ୍ସବର୍ଗରେ ଗତକାଲି ଜି-୨୦ ଶିଖର ସମ୍ମିଳନୀର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ପ୍ରମୁଖ ନେତାମାନଙ୍କ ସହ ଦ୍ୱିପାକ୍ଷିକ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱବିକାଶ ନେଇ ସଂପୃକ୍ତ ନେତାମାନଙ୍କ ସହ ଆଲୋଚନା ସଫଳ ହୋଇଛି । ଶ୍ରୀ ମୋଦୀ ବ୍ରିଟିଶ ପ୍ରତିପକ୍ଷ କିର୍ ଷ୍ଟାର୍‌ମର,

ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ଜର୍ମାନ୍ ଚାନ୍ସଲର ଫ୍ରେଡରିକ ମର୍ଜ, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ଲିଜା ମାୟୁଙ୍ଗ, ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍ଭା ଏବଂ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସମ୍ମିଳନୀ ସମୟରେ ଶ୍ରୀ ମୋଦୀ ସିଏରା ଲିଓନ ରାଷ୍ଟ୍ରପତି ଓ ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ସହ ମଧ୍ୟ ସାକ୍ଷାତ୍ ଆଲୋଚନା କରିଥିବା ଜଣାପଡିଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ପ୍ରଧାନମନ୍ତ୍ରୀ ଷ୍ଟାର୍‌ମରଙ୍କ ସହ ଆଲୋଚନା ଫଳପ୍ରଦ ହୋଇଛି । ଚଳିତବର୍ଷ ଭାରତ' ବ୍ରିଟେନ୍ ସହଭାଗିତା ଏକ ନୂତନ ସ୍ତରକୁ ଉନ୍ନୀତ ହୋଇଥିବାବେଳେ ଆଗାମୀ ଦିନରେ ଏହାକୁ ଆଗକୁ ନେବାକୁ ଉଭୟ ନେତା ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ସେହିପରି ଦ୍ୱିପାକ୍ଷିକ ସହଯୋଗକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଏକାଠି କାମ କରିବା ଲାଗି ଭାରତ ଓ ମାଲେସିଆ ମତପ୍ରକାଶ କରିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ଆଲୋଚନା ବିଷୟରେ ଶ୍ରୀ ମୋଦୀ କହିଛନ୍ତି ବିଶ୍ୱର ମଙ୍ଗଳ ପାଇଁ ଭାରତ ଓ ଫ୍ରାନ୍ସ ମିଳିତ ଭାବେ କାର୍ଯ୍ୟ କରିବେ । ପ୍ରଧାନମନ୍ତ୍ରୀ ଆଙ୍ଗୋଲା ରାଷ୍ଟ୍ରପତି ଏବଂ ଆଫ୍ରିକୀୟ ସଂଘର ଅଧ୍ୟକ୍ଷକଙ୍କ ସହିତ ଆଲୋଚନା କରିଛନ୍ତି । ଉଭୟ ଦେଶ ବାଣିଜ୍ୟ ଏବଂ ସାଂସ୍କୃତିକ ସମ୍ପର୍କକୁ ଦୃଢ଼ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ଶ୍ରୀ ମୋଦୀ କହିଛନ୍ତି । ସମ୍ମିଳନୀ କାଳରେ ଇଥିଓପିଆ ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ ଅଲ୍ଲୀଙ୍କ ସହ ଆଲୋଚନା କାଳରେ ଉଭୟଦେଶ ମଧ୍ୟରେ ବିକାଶମୂଳକ ସହଯୋଗକୁ ଆହୁରି ବୃଦ୍ଧି କରିବାକୁ ଆଲୋଚନା ହୋଇଛି । ଭିଏତ୍‌ନାମ ପ୍ରଧାନମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କାଳରେ ଉଭୟ ଦେଶ ଏକ ଦୃଢ଼ ଭବିଷ୍ୟତ ଲାଗି କାର୍ଯ୍ୟ କରିବେ ବୋଲି ପ୍ରତିବଦ୍ଧତା ପ୍ରକାଶ ପାଇଛି । ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱ ବାଣିଜ୍ୟ ସଂଗଠନର

ମହାନିର୍ଦ୍ଦେଶକ ଓ ଜାତିସଂଘ ମହାସଚିବଙ୍କ ସହ ଆଲୋଚନା କରିଥିଲେ । ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଶ୍ରୀ ମୋଦୀ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ସହ ମଧ୍ୟ ଆଲୋଚନା କରିଥିବା ସୂଚନା ମିଳିଛି ।

# କ୍ଲାଇମେଟ୍ କନ୍‌ଫରେନ୍ସ-ବ୍ରାଜିଲ

ବ୍ରାଜିଲରେ ବିଶ୍ୱର ପ୍ରମୁଖ ନେତାମାନେ ଜାତିସଂଘ ଜଳବାୟୁ ସମ୍ମିଳନୀରେ ଏକ ଚୁକ୍ତି ପାଇଁ ସମ୍ମତି ପ୍ରକାଶ କରିଛନ୍ତି । ଜଳବାୟୁ ପରିବର୍ତ୍ତନକୁ ଗତିଶୀଳ କରୁଥିବା ଜୀବାଶ୍ମ ଇନ୍ଧନକୁ ବନ୍ଦ କରିବା ନେଇ ଏହି ଚୁକ୍ତିରେ କୌଣସି ବ୍ୟବସ୍ଥା ନାହିଁ । ବ୍ରାଜିଲର ବେଲେମ ସହରରେ ଦୁଇସପ୍ତାହ ଧରି ଅନୁଷ୍ଠିତ ହେଉଥିବା କୋପ୍-୩୦ ଶିଖର ସମ୍ମିଳନୀରେ ବିଭିନ୍ନ ଦେଶ ମଧ୍ୟରେ ମତଭେଦ ଦେଖାଦେବା ପରେ ଏକ ବୁଝାମଣାରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ରାଜି ହୋଇଥିବା ଜଣାପଡିଛି ।

ଏହି ବୁଝାମଣା ଅନୁଯାୟୀ ଜଳବାୟୁ ସମ୍ବନ୍ଧୀୟ ବାଣିଜ୍ୟ ପ୍ରତିବନ୍ଧକ ଗୁଡ଼ିକର ସମୀକ୍ଷା କରାଯିବା ସହ ବିକଶିତ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ମୁକାବିଲା ଲାଗି ବିକାଶଶୀଳ ଦେଶମାନଙ୍କୁ ଦେଉଥିବା ଅର୍ଥ ପରିମାଣ ୩ ଗୁଣ ବୃଦ୍ଧି କରିବା ଲାଗି ପ୍ରସ୍ତାବ ଦିଆଯାଇଛି ।

# ସ୍ପୋର୍ଟ୍‌ସ-ରାଉଣ୍ଡଅପ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଜାରି ରହିଥିବାବେଳେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

ଗୁଆହାଟୀର ବର୍ଷାପାରା ଷ୍ଟାଡିୟମରେ ଭାରତ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ର ଆଜିର ଦ୍ୱିତୀୟ ଦିନରେ ଦକ୍ଷିଣ ଆଫ୍ରିକା ୬ଓ୍ୱିକେଟ୍‌ରେ ୨୪୭ରନ୍‌ରୁ ପ୍ରଥମ ଇନିଂସ୍ ବ୍ୟାଟିଂ ଜାରି ରଖିବ । ପ୍ରଥମ ଦିନରେ ଗତକାଲି ଟସ୍ ଜିତି ଦକ୍ଷିଣ ଆଫ୍ରିକା ୮୧ ଓଭର ୫ଟି ବଲ୍‌ରେ ୨୪୭ରନ୍ ସ୍କୋର କରିଥିଲା । ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୩ ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଏବଂ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଥିଲେ । ଭାରତୀୟ ସମୟ ପୂର୍ବାହ୍ନ ୯ଟାରେ ଆଜିର ଖେଳ ଆରମ୍ଭ ହେବ ।

ମାଲେସିଆର ଇପୋହଠାରେ ଆଜିଠାରୁ ଆରମ୍ଭ ହେଉଥିବା ୩୧ତମ ସୁଲତାନ ଆଜଲାନ ଶାହା କପ୍ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ଭାରତ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ହେବ । ଭାରତୀୟ ସମୟ ଅପରାହ୍ଣ ଗୋଟାଏ ୩୦ ମିନିଟ୍ ସମୟରେ ମ୍ୟାଚ୍ ଆରମ୍ଭ ହେବ । ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତ ସମେତ ବେଲଜିୟମ, କାନାଡା, କୋରିଆ, ନ୍ୟୁଜିଲାଣ୍ଡ ଏବଂ ମାଲେସିଆ ଭାଗ ନେଉଛନ୍ତି । ପୂର୍ବରୁ ଭାରତ ୫ଥର ଏହି ପ୍ରତିଯୋଗିତାରେ ଚମ୍ପିଆନ ହୋଇଛି । ଆସନ୍ତାକାଲି ଭାରତ ଏବଂ ବେଲଜିୟମ ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ ୨୬ ତାରିଖରେ ମାଲେସିଆ, ୨୭ ତାରିଖରେ ନ୍ୟୁଜିଲାଣ୍ଡ ଏବଂ ୨୯ ତାରିଖରେ କାନାଡ଼ା ବିପକ୍ଷରେ ଭାରତ ମ୍ୟାଚ୍ ଖେଳିବ ।

ଅଷ୍ଟ୍ରେଲିଆ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ପୁରୁଷ ଏକକ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେ ଗତକାଲି ସିଡ୍‌ନୀରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇର ଖେଳାଳିଙ୍କୁ ୧୭-୨୧, ୨୪-୨୨ ଏବଂ ୨୧-୧୬ରେ ପରାସ୍ତ କରିଥିଲେ । ପୂର୍ବରୁ ଲକ୍ଷ୍ୟ ସେନ୍ ଭାରତର ଅନ୍ୟତମ ଖେଳାଳି ଆୟୁଷ ସେଟୀଙ୍କୁ କ୍ୱାର୍ଟର ଫାଇନାଲରେ ପରାସ୍ତ କରିଥିଲେ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର ।